# NATIONAL NEWS BULLETIN (ODIA)
## 14 August - 2025
## Evening Bulletin : 8.15 p.m.

**********************************

## ମୁଖ୍ୟ ସମ୍ବାଦ

- ଅଣାଅଶୀତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ଦେଶବାସୀଙ୍କୁ ସମ୍ବୋଧିତ କଲେ ରାଷ୍ଟ୍ରପତି ।

– ବିକଶିତ ଭାରତ ସ୍ୱପ୍ନ ସାକାର ଦିଗରେ ସବୁ ବର୍ଗ ଅବଦାନ ପ୍ରଦାନ କରିବାକୁ ଦେଲେ ଆହ୍ୱାନ ।

- ଦିଲ୍ଲୀ ସ୍ଥିତ ଐତିହାସିକ ଲାଲ୍‌କିଲ୍ଲାରେ ଆସନ୍ତାକାଲି ସ୍ୱାଧୀନତା ଦିବସ ମୁଖ୍ୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରିବେ ପ୍ରଧାନମନ୍ତ୍ରୀ ।

- ଅଦମ୍ୟ ସାହସ ପ୍ରଦର୍ଶନ ଲାଗି ୧୬ଜଣ ସୀମା ପ୍ରହରୀଙ୍କ ସମେତ ଏକହଜାର ୯୦ଜଣ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯିବ ସ୍ୱତନ୍ତ୍ର ସାହସିକତା ଓ ସେବା ପୁରସ୍କାର ।

- ଜାମ୍ମୁ କାଶ୍ମୀରର କିସ୍ତୱାର୍ ଜିଲ୍ଲାରେ ବାଦଲଫଟା ବର୍ଷା ଓ ବନ୍ୟା କାରଣରୁ ୧୦ ଜଣଙ୍କ ମୃତ୍ୟୁ ଆଶଙ୍କା; ୭୫ରୁ ଊର୍ଦ୍ଧ୍ୱ ଆହତ ।

ଏବଂ

- ଆଜି ଉନ୍ମୋଚିତ ହେଲା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ମହୋତ୍ସବ ଲୋଗୋ ।

# ପ୍ରେଜ୍ ଆଡ୍ରେସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଭାରତ ବିକଶିତ ଅର୍ଥନୀତି ପଥରେ ଆଗେଇ ଚାଲିଛି । ୭୯ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଅମୃତକାଳ ଅବସରରେ ଦେଶ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି ଏବଂ ପ୍ରତ୍ୟେକ ନାଗରିକ ନିଜର ସର୍ବୋତ୍ତମ ଦକ୍ଷତା ଅନୁଯାୟୀ ଯୋଗଦାନ କରୁଛନ୍ତି । ଯୁବବର୍ଗ, ମହିଳା ଏବଂ ସମାଜର ସବୁ ବର୍ଗ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରିବେ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି । ସୀମାକୁ ସୁରକ୍ଷା ଦେଉଥିବା ସୈନିକ, ପୁଲିସ୍, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀକୁ ରାଷ୍ଟ୍ରପତି ଶୁଭେଚ୍ଛା ଜଣାଇଛନ୍ତି ।

**V/O-PREZ-ON-15-AUGUST**

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ଉପରେ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି, ନିରିହ ନାଗରିକଙ୍କ ହତ୍ୟା କା-ପୁରୁଷତା ଏବଂ ଅମାନବୀୟ । ଦୃଢ଼ ସଂକଳ୍ପ ଏବଂ ନିର୍ଣ୍ଣାୟକ ନିଷ୍ପତ୍ତି ସହିତ ଭାରତ ଅପରେସନ୍ ସିନ୍ଦୂର ମାଧ୍ୟମରେ ଏହି ଆକ୍ରମଣର ପ୍ରତିଉତ୍ତର ଦେଇଛି । ଦେଶର ସଶସ୍ତ୍ର ବାହିନୀ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ସକ୍ଷମ ବୋଲି ରାଷ୍ଟ୍ରପତି କହିଛନ୍ତି ।

ପ୍ରତିରକ୍ଷା କ୍ଷେତ୍ରରେ ଦେଶର ଆତ୍ମନିର୍ଭରଶୀଳତାର ଅପରେସନ୍ ସିନ୍ଦୂର ଏକ ପରୀକ୍ଷା ଥିଲା । ସ୍ୱଦେଶୀ ଉତ୍ପାଦନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତର ହାସଲ କରିପାରିଛି ବୋଲି ଏହା ପ୍ରମାଣିତ କରିଛି । ବିଶ୍ୱର ପ୍ରମୁଖ ଅର୍ଥନୈତିକ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ପରିଗଣିତ ହୋଇଛି । ଗତ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧିହାର ୬ଦଶମିକ୍ ୫ ପ୍ରତିଶତ ରହିଥିଲା । ଅର୍ଥନୀତି କ୍ଷେତ୍ରରେ ବୈଶ୍ୱିକ ଚାପ ସତ୍ତ୍ୱେ ଘରୋଇ ଚାହିଦା ତ୍ୱରାନ୍ୱିତ ହୋଇଛି, ମୁଦ୍ରାସ୍ଫିତି ନିୟନ୍ତ୍ରଣରେ ରହିଛି ଏବଂ ରପ୍ତାନୀ ବୃଦ୍ଧି ପାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି । ସୁ-ଶାସନ ମାଧ୍ୟମରେ ଲୋକ ଦାରିଦ୍ର୍ୟସୀମାରେଖାରୁ ଉପରକୁ ଉଠିଛନ୍ତି । ଆୟ ଅସମାନତା ହ୍ରାସ ପାଉଛି ଏବଂ ଆଞ୍ଚଳିକ ବୈଷମ୍ୟ ମଧ୍ୟ ଦୂର ହେଉଛି ।

ଭାରତମାଳା ପରିଯୋଜନା ଅଧୀନରେ ଜାତୀୟ ରାଜପଥ ସଂଯୋଗୀକରଣକୁ ଅଧିକ ବ୍ୟାପକ ଏବଂ ସୁଦୃଢ଼ କରାଯାଇ ପାରିଛି ।

ରେଳବାଇ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି । ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ ରେଳ ଯୋଗାଯୋଗ, ଯାତ୍ରୀ ସେବା ଅଧିକ ସୁ-ବ୍ୟବସ୍ଥିତ ହୋଇପାରିଛି । ସରକାର ମେଟ୍ରୋ ରେଳ ସୁବିଧାକୁ ବ୍ୟାପକ କରିବା ସହିତ ସହରୀ ବିକାଶକରଣ କ୍ଷେତ୍ରରେ ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି । ଜଳଜୀବନ ମିଶନ୍ ଗ୍ରାମ୍ୟ ଜୀବନକୁ ପ୍ରୋତ୍ସାହନ ପ୍ରଦାନ କରିଛି । ଭାରତର ସମ୍ବିଧାନରେ ରହିଥିବା ଚାରୋଟି ମୂଲ୍ୟବୋଧ ଗଣତନ୍ତ୍ରକୁ ସୁଦୃଢ଼ କରି ରଖିଛି । ସେଗୁଡ଼ିକ ହେଉଛି, ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱଭାବ । ସ୍ୱାଧୀନତା ସଂଗ୍ରାମ ସମୟରେ ଏଗୁଡ଼ିକୁ ଭାରତବାସୀ ପୁନଃ ଆବିଷ୍କାର କରିଥିଲେ । ଏହି ସମସ୍ତ ମୂଲ୍ୟବୋଧର ମୂଳରେ ବ୍ୟକ୍ତିର ଗରିମାର ଧାରଣା ବିଦ୍ୟମାନ ହୋଇ ରହିଛି ।

**V/O-PREZ-DEMOCRACY**

ଆୟୁଷ୍ମାନ୍ ଭାରତ ଯୋଜନା ଅଧୀନରେ ବ୍ୟାପକ ପରିବର୍ତ୍ତନ ଘଟିଛି । ୭୦ ବର୍ଷ ଏବଂ ତା'ଠାରୁ ଅଧିକ ବୟସ୍କ ନାଗରିକଙ୍କ ପାଇଁ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନା ଅଧିକ ସଫଳ ହୋଇପାରିଛି । ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଞ୍ଚାଇବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ।  ଦେଶର ପ୍ରାୟ ସମସ୍ତ ଗ୍ରାମକୁ ଫୋର୍-ଜି ମୋବାଇଲ୍ ସଂଯୋଗରେ ସାମିଲ କରାଯାଇସାରିଛି । ଡିଜିଟାଲ୍ ଇଣ୍ଡିଆ ପଦକ୍ଷେପ ଭାରତକୁ ବିଶ୍ୱସ୍ତରରେ ପ୍ରତିପାଦନ କରିପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

# ପିଏମ୍-ଇଣ୍ଡିପେଣ୍ଡେନ୍ସ ଡେ

ଦେଶ ଆସନ୍ତାକାଲି ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ କରିବ । ଦିଲ୍ଲୀସ୍ଥିତ ଐତିହାସିକ ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ମୁଖ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱ ନେବେ । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ସକାଳେ ଲାଲକିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ ।

୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ସମ୍ପର୍କିତ ସରକାରଙ୍କ ଦୃଷ୍ଟିକୋଣକୁ ସାକାର କରିବା ଲାଗି ଚଳିତବର୍ଷ ସ୍ୱାଧୀନତା ଦିବସର ବାର୍ତ୍ତା ରହିଛି 'ନୂଆ ଭାରତ' । ଏକ ସମୃଦ୍ଧ, ସୁରକ୍ଷିତ ଏବଂ ଦୃଢ଼ ସଂକଳ୍ପ ସମ୍ପନ୍ନ ନୂତନ ଭାରତ ଗଠନ ଦିଗରେ ସ୍ୱାଧୀନତା ଦିବସ ପାଳନ ସମାରୋହ ଏକ ସ୍ମାରକୀ ମଞ୍ଚ ଭାବେ ସହାୟକ ହେବା ସହିତ ବିକାଶ ପଥରେ ଆଗେଇବାରେ ପ୍ରେରଣା ଯୋଗାଇବ । ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ପହଲଗାମ ଆତଙ୍କବାଦ ଆକ୍ରମଣ ପରିପ୍ରେକ୍ଷୀରେ ଭାରତର ଅପରେସନ ସିନ୍ଦୂରର ସଫଳତାକୁ ମଧ୍ୟ ପାଳନ କରାଯିବ । ଏହି ଜାତୀୟସ୍ତରୀୟ ଉତ୍ସବ ପାଳନ ଲାଗି କରାଯାଇଥିବା ନିମନ୍ତ୍ରଣ ପତ୍ରରେ ଅପରେସନ ସିନ୍ଦୂରର ଲୋଗୋ ଏବଂ ଚେନାବ ବନ୍ଧର ପ୍ରତୀକ ସ୍ଥାନ ପାଇଛି । ଜନସାଧାରଣଙ୍କ ମଧ୍ୟରେ ଦେଶମାତୃକା ପ୍ରତି ଭକ୍ତିଭାବ ଜାଗ୍ରତ କରାଇବା ତଥା ଅପରେସନ ସିନ୍ଦୂର ବିଜୟର ସଫଳତା ପାଳନ ଲାଗି

ପ୍ରଥମଥର ଲାଗି ସ୍ୱାଧୀନତା ଦିବସ ସଂଧ୍ୟାରେ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ଅନେକଗୁଡ଼ିଏ ବାଦ୍ୟଯନ୍ତ୍ର ପରିବେଷଣ କରାଯିବ ।

ଏହି ସମାରୋହରେ ଯୋଗଦେବାଲାଗି ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୧୦ଜଣ ପଞ୍ଚାୟତ ପ୍ରତିନିଧିଙ୍କୁ ମଧ୍ୟ ସ୍ୱତନ୍ତ୍ର ଅତିଥିଭାବେ ନିମନ୍ତ୍ରଣ କରାଯାଇଛି । ଗ୍ରାମ ପଞ୍ଚାୟତରେ ଉନ୍ନତ ଭିତ୍ତିଭୂମି ସେବା ଓ ସାମୁହିକ ପଦକ୍ଷେପ ଗ୍ରହଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଥିବା ଏହି ଅତିଥିମାନଙ୍କୁ ଆଜି ନୂଆଦିଲ୍ଲୀଠାରେ ସମ୍ବର୍ଦ୍ଧିତ କରାଯିବ । ଚଳିତବର୍ଷ ଏହି କାର୍ଯ୍ୟକ୍ରମର ବାର୍ତ୍ତା ରହିଛି "ଆତ୍ମ ନିର୍ଭର ପଞ୍ଚାୟତ - ବିକଶିତ ଭାରତର ପରିଚୟ" ।

## ଆଇ ଡେ ପୋଲିସ ମେଡାଲ୍ସ

ସ୍ୱାଧୀନତା ଦିବସ ଅବସରରେ ଆସନ୍ତାକାଲି ଏକହଜାର ୯୦ଜଣ ସୁରକ୍ଷା ଅଧିକାରୀଙ୍କୁ ସ୍ୱତନ୍ତ୍ର ସାହସିକତା ଓ ସେବା ପୁରସ୍କାର ପ୍ରଦାନ କରାଯିବ । ପୁଲିସ ଅଧିକାରୀ, ଅଗ୍ନିଶମ ବାହିନୀ, ହୋମ୍‌ଗାର୍ଡ ଏବଂ ପ୍ରତିରକ୍ଷା କ୍ଷେତ୍ରର ବିଭିନ୍ନ କର୍ମଚାରୀଙ୍କୁ ସମ୍ମାନିତ କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସାହସିକତା ପାଇଁ ୨୩୩ଜଣଙ୍କୁ ପଦକ ପ୍ରଦାନ କରାଯିବାକୁ ଥିବାବେଳେ ୯୯ଜଣଙ୍କୁ

ରାଷ୍ଟ୍ରପତିଙ୍କ ମେଡାଲ ପ୍ରଦାନ କରାଯିବ । ସେହିପରି ଉଲ୍ଲେଖନୀୟ ସେବା ନିମନ୍ତେ ୭୫୮ ଜଣଙ୍କୁ ସେବା ମେଡ଼ାଲ ପ୍ରଦାନ କରାଯିବ ।

ସୀମା ସୁରକ୍ଷା ବଳ ବିଏସ୍ଏଫ୍ର ୧୬ଜଣ ସାହସି ସୀମା ପ୍ରହରୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ଉଲ୍ଲେଖନୀୟ ସାହସ ପ୍ରଦର୍ଶନ ଲାଗି ସାହସିକତା ପଦକ ପ୍ରଦାନ କରାଯିବ । ଏହି ୧୬ଜଣ ସୀମା ପ୍ରହରୀମାନେ ଅପରେସନ ସିନ୍ଦୂର ସମୟରେ ଅଦମ୍ୟ ସାହସ ପ୍ରଦର୍ଶନ କରିଥିଲେ ।

## ପିଏମ୍-ଜଳଜୀବନ ମିଶନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜଳଜୀବନ ମିଶନ୍ ଉନ୍ନତ ସ୍ୱାସ୍ଥ୍ୟସେବା ବିଶେଷ କରି ନାରୀ ଶକ୍ତି କ୍ଷେତ୍ରରେ ଗୁରୁତ୍ୱ ପ୍ରତିପାଦନ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ୬ ବର୍ଷର ଯାତ୍ରା ମଧ୍ୟରେ ଏହି ମିଶନ୍ ଜୀବନଧାରଣର ମାନ ଏବଂ ପରିବର୍ତ୍ତନ କ୍ଷେତ୍ରରେ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି ।

# କିସ୍ତୱାର୍-କ୍ଲାଉଡ୍‌ବଷ୍ଟ୍

ଜାମ୍ମୁ କାଶ୍ମୀରର କିସ୍ତୱାର୍ ଜିଲ୍ଲା ଅନ୍ତର୍ଗତ ପଦ୍ଦର ଅଞ୍ଚଳରେ ବାଦଲଫଟା ବର୍ଷା କାରଣରୁ ୧୦ ଜଣଙ୍କର ମୃତ୍ୟୁ ଆଶଙ୍କା କରାଯାଉଛି । ଆଜି ଅପରାହ୍ଣରେ ହୋଇଥିବା ଏହି ବାଦଲଫଟା ବର୍ଷା ଓ ବନ୍ୟା ଯୋଗୁଁ ୭୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହେବା ସହ ବହୁ ସଂଖ୍ୟକ ଲୋକ ନିଖୋଜ ଥିବା ଆଶଙ୍କା କରାଯାଉଛି । ବହୁ ପରିମାଣର ଧନଜୀବନ ନଷ୍ଟ ହୋଇଥିବା ଜଣାଯାଇଛି । କିସ୍ତୱାର୍‌ଠାରୁ ୯୦ କିଲୋମିଟର ଦୂରରେ ଅବସ୍ଥିତ ଚୋସିତି ଗ୍ରାମ ଦେଇ ମାଛେଲ୍ ମାତା ମନ୍ଦିରକୁ ଶ୍ରଦ୍ଧାଳୁମାନେ ଯାତ୍ରା କରିଥାନ୍ତି । ବାଦଲଫଟା ବର୍ଷା କାରଣରୁ ଆକସ୍ମିକ ଭାବେ ବନ୍ୟା ଆସିବା ଯୋଗୁଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପ୍ରଭାବିତ ହୋଇଛନ୍ତି ।

ଜାମ୍ମୁ ଆକାଶବାଣୀ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ ଏହି ଜିଲ୍ଲା ଅନ୍ତର୍ଗତ ଚୋସିତି ଅଞ୍ଚଳରେ ବାଦଲଫଟା ବର୍ଷା ହୋଇଥିବା ସୂଚନା ଦିଆଯାଇଛି । ମାଛେଲ୍ ମାତା ମନ୍ଦିର ଠାରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଯାତ୍ରାକୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୁର୍ବିପାକ କାରଣରୁ ସ୍ଥଗିତ ରଖାଯାଇଛି । ଘଟଣା ସ୍ଥଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଶୋକବ୍ୟକ୍ତ କରି

କହିଛନ୍ତି, କିସ୍ତୱାର୍‌ରେ ହୋଇଥିବା ବାଦଲଫଟା ବର୍ଷା କାରଣରୁ ଲୋକମାନଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ । ରାଷ୍ଟ୍ରପତି ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସଫଳତା ସହ ସମ୍ପନ୍ନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିବା ସହ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବନ୍ୟା ବିପର୍ଯ୍ୟୟ ସମ୍ପର୍କରେ ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲାଙ୍କ ସହିତ ଆଲୋଚନା କରିଛନ୍ତି । ସ୍ଥାନୀୟ ପ୍ରଶାସକଙ୍କ ପକ୍ଷରୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଘଟଣା ସ୍ଥଳକୁ ଏନ୍.ଡି.ଆର୍.ଏଫ୍. ଦଳ ଉଦ୍ଧାର କାର୍ଯ୍ୟରେ ସହାୟତା ଲାଗି ତୁରନ୍ତ ସେଠାକୁ ପଠାଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

# ହର ଘର ତିରଙ୍ଗା ର୍ୟାଲି

ହର୍ ଘର୍ ତିରଙ୍ଗା ଅଭିଯାନରେ ଦେଶର ସବୁବର୍ଗର ଲୋକ ବିଶେଷକରି ଯୁବବର୍ଗ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଦେଶମାତୃକା ପ୍ରତି ନିଜର ସମ୍ମାନ ତଥା ଶ୍ରଦ୍ଧାସ୍ୱରୂପ ଦେଶବ୍ୟାପୀ ଚାଲିଥିବା ହର୍ ଘର୍ ତିରଙ୍ଗା ଅଭିଯାନରେ ଅଂଶଗ୍ରହଣ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

ଜାମ୍ମୁ କାଶ୍ମୀରରେ ଜାମ୍ମୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ହର୍ ଘର୍ ତିରଙ୍ଗା ଅଭିଯାନର ଅଂଶସ୍ୱରୂପ ବିରାଟ ତିରଙ୍ଗା ଯାତ୍ରା ପାଳନ କରାଯାଇଛି । ଆୟୋଜିତ ଏହି ମହା ତିରଙ୍ଗା ଯାତ୍ରାରେ ବହୁ ସଂଖ୍ୟକ ବିଶିଷ୍ଟ ବ୍ୟକ୍ତିବିଶେଷ, ନାଗରିକ, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଦେଶର ପ୍ରଗତି ଦିଗରେ କାର୍ଯ୍ୟ କରିବାକୁ ର୍ୟାଲିରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଶପଥ ନେଇଥିଲେ । ସେହିପରି କାଠୁଆ ଉପକମିଶନର୍ ରାଜେଶ ଶର୍ମା କାଠୁଆ ସ୍ଥିତ ସ୍ପୋର୍ଟ୍ ଷ୍ଟାଡିୟମ୍ ଠାରେ ମହା ତିରଙ୍ଗା ରାଲିର ଶୁଭାରମ୍ଭ କରିଥିଲେ । ପୁଞ୍ଛ ଠାରେ ମଧ୍ୟ ଉତ୍ସାହ ଓ ଉଦ୍ଦିପନାର ସହ ତିରଙ୍ଗା ର୍ୟାଲି କରାଯାଇଥିଲା । ରମ୍ବାନ୍ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ତିରଙ୍ଗା ବାଇକ୍ ର୍ୟାଲିର ଆୟୋଜନ କରାଯାଇଥିଲା ।

# ଖେଲୋ ଇଣ୍ଡିଆ ଲୋଗ

ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ମହୋତ୍ସବର ଲୋଗ ଏବଂ ମାସ୍କଟ୍ ଆଜି ଶ୍ରୀନଗର ଠାରେ ଉନ୍ମୋଚିତ ହୋଇଛି । କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରଣାଳୟ ଏବଂ ଜାମ୍ମୁ କାଶ୍ମୀର କ୍ରୀଡ଼ା ପରିଷଦ ଦ୍ୱାରା ଏହି ମହୋତ୍ସବ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଡାଲ୍ ହ୍ରଦ ଠାରେ ଅନୁଷ୍ଠିତ ହେବ । ୩୬ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୪୦୦ରୁ ଅଧିକ ଖେଳାଳି ରୋଇଙ୍ଗ୍, କାନୋଇ ଏବଂ କାୟାକିଙ୍ଗ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।